# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**21 September – 2025**

**News Editor : Satya Narayan Pattanaik**

**********************************

## ମୁଖ୍ୟ ସମ୍ବାଦ

● ପ୍ରଧାନମନ୍ତ୍ରୀ ଆଜି ଅପରାହ୍ଣ ୫ଟାରେ ଦେଶବାସୀଙ୍କୁ କରିବେ ସମ୍ବୋଧନ

— ଆସନ୍ତାକାଲିଠାରୁ ଦେଶରେ ଲାଗୁ ହେବ ପରବର୍ତ୍ତୀ ପିଢ଼ି ଦ୍ରବ୍ୟ ଓ ସେବା କର ସଂସ୍କାର

● ସେବା ପର୍ବ ଅବସରରେ ନିଶାମୁକ୍ତ ଭାରତ ଅଭିଯାନ ଯୁବବର୍ଗଙ୍କୁ ରାଷ୍ଟ୍ର ଗଠନ ଦିଗରେ ପ୍ରେରଣା ଯୋଗାଇବ; କହିଲେ ମୁଖ୍ୟମନ୍ତ୍ରୀ

— ରାଜ୍ୟର ବିଭିନ୍ନ ସ୍ଥାନରେ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ

● ଏକ ଶାନ୍ତିପୂର୍ଣ୍ଣ ବିଶ୍ୱ ପାଇଁ ଏବେ କାର୍ଯ୍ୟ କରନ୍ତୁ'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି 'ଅନ୍ତର୍ଜାତୀୟ ଶାନ୍ତି ଦିବସ'

ଏବଂ

● ମହାଳୟା ତିଥିରେ ପିତୃପୁରୁଷଙ୍କ ମୋକ୍ଷ ପ୍ରାପ୍ତି ଉଦ୍ଦେଶ୍ୟରେ ଆଜି କରାଯାଉଛି ଶ୍ରାଦ୍ଧ ଓ ତିଳତର୍ପଣ

## ପିଏମ୍-ଜିଏସଟି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟା ୫ଟା ସମୟରେ ଦେଶବାସୀଙ୍କୁ ସମ୍ବୋଧନ କରିବେ। ଦେଶରେ ଆସନ୍ତାକାଲିଠାରୁ ପରବର୍ତ୍ତୀ ପିଢ଼ି ଦ୍ରବ୍ୟ ଓ ସେବା କର ସଂସ୍କାର ଲାଗୁ ହେବ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଦେଶବାସୀଙ୍କୁ ସମ୍ବୋଧନ ଦେବା ଗୁରୁତ୍ୱ ବହନ କରୁଛି। ପ୍ରଧାନମନ୍ତ୍ରୀ' ନବରାତ୍ରୀର ପ୍ରଥମ ଦିନରୁ ନୂତନ ଜିଏସ୍‌ଟି ଲାଗୁ ହେବା ନେଇ ଘୋଷଣା କରିଥିଲେ।

## ଗଣଦୌଡ଼

ଭାରତବର୍ଷକୁ ନିଶାମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ନିଶାମୁକ୍ତ ଭାରତ' ଅଭିଯାନ ନୂତନ ସଂକଳ୍ପ' ଯୁବବର୍ଗଙ୍କୁ ରାଷ୍ଟ୍ରଗଠନ ଦିଗରେ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଦେଶବ୍ୟାପୀ ଜାରି ରହିଥିବା ସେବା ପର୍ବ ଅନ୍ତର୍ଗତ ନିଶାମୁକ୍ତ ଭାରତ ଅଭିଯାନରେ  ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆଜି ଅନୁଷ୍ଠିତ ଗଣଦୌଡ଼ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ସହ ଗଣଦୌଡ଼ରେ ସାମିଲ ହୋଇ ସମସ୍ତ ଛାତ୍ରଛାତ୍ରୀ, ଖେଳାଳି ଏବଂ ଯୁବବଗଙ୍କୁ ନିଶାମୁକ୍ତ ଭାରତର ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଯୁବବର୍ଗଙ୍କ ଜ୍ଞାନ, ଦକ୍ଷତା, କର୍ମକୁଶଳତା ଏବଂ ଦାୟିତ୍ୱବୋଧ ଜରିଆରେ ବିକଶିତ ଭାରତ ନିର୍ମାଣର ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି। ମେକ୍ ଇନ୍ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ, ଷ୍ଟାର୍ଟଅପ୍ ଇଣ୍ଡିଆ ଆଦି କାର୍ଯ୍ୟକ୍ରମ ଦେଶକୁ ଆତ୍ମନିର୍ଭରଶୀଳ ଦିଗରେ ଅଗ୍ରସର

କରାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କାର୍ଯ୍ୟକ୍ରମରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କ୍ରୀଡା ଓ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ସେବା ପର୍ବ – ୟୁପିଆଇ

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ଆସନ୍ତୁ ଜାଣିବା କେନ୍ଦ୍ର ସରକାର ଡିଜିଟାଲ ପେମେଣ୍ଟକୁ ସମସ୍ତଙ୍କ ପାଇଁ ସୁଗମ, ସୁରକ୍ଷିତ ଓ ସୁଲଭ କରିବା ପାଇଁ ୟୁପିଆଇ କ୍ଷେତ୍ରରେ ଆଣିଥିବା ବିପ୍ଲବ ସମ୍ପର୍କରେ....

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ହୋଇ ଏକ ଦୃଢ଼ ପରିବର୍ତ୍ତନର ଦେଖୁଛି । ୨୦୧୬ ମସିହାରେ ଭାରତୀୟ ଜାତୀୟ ପେମେଣ୍ଟ ନିଗମ ଦ୍ୱାରା ଆରମ୍ଭ ହୋଇଥିବା ୟୁପିଆଇ ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଗୋଟିଏ ମୋବାଇଲ ଆପ୍ଲିକେଶନରେ ସଂଯୋଗ କରି ଦେଶର ଆର୍ଥିକ କାରବାରକୁ ମଜବୁତ୍ କରିଛି । ଏହି ବ୍ୟବସ୍ଥା ଟଙ୍କା କାରବାର, ବାଣିଜ୍ୟ କ୍ଷେତ୍ର ଆଦିକୁ ସହଜ ଓ ସରଳ କରିଦେଇଛି । ଚଳିତବର୍ଷ ସ୍ୱାଧୀନତା ଦିବସ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୟୁପିଆଇ ସମ୍ପର୍କରେ ସୂଚନା ଦେଇ କହିଥିଲେ....

## - V/O -(PM)

ଚଳିତବର୍ଷ ଅଗଷ୍ଟ ମାସରେ ୟୁପିଆଇ କାରବାର ୨୦ ବିଲିୟନ୍ ଅତିକ୍ରମ କରିଛି । ଭାରତର ଡିଜିଟାଲ କାରବାର ବିପ୍ଳବ ବର୍ତ୍ତମାନ ଅର୍ନ୍ତଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛି। ସିଙ୍ଗାପୁର, ଭୁଟାନ, ନେପାଳ, ଶ୍ରୀଲଙ୍କା ଆଦି ଦେଶରେ ୟୁପିଆଇ କାର୍ଯ୍ୟକ୍ଷମ ହେଉଛି। ବ୍ୟକ୍ତି ଏବଂ ବ୍ୟବସାୟ ଉଭୟ ପାଇଁ ଏକ ସୁଗମ, ସୁରକ୍ଷିତ ଏକ ସୁଲଭ ପ୍ଲାଟଫର୍ମ ପ୍ରଦାନ କରି ୟୁପିଆଇ ଆର୍ଥିକ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ସହ ନଗଦ ବିହିନୀ ଅର୍ଥନୀତି ଆଡକୁ ଦେଶର ପରିବର୍ତ୍ତନ ତ୍ୱରାନ୍ୱିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ।

ଆକାଶବାଣୀ ଆଂଚଳିକ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

**Seba Parba Closing**

## ମୁଖ୍ୟମନ୍ତ୍ରୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି **ନୂଆପଡ଼ା** ଜିଲ୍ଲା ଗସ୍ତରେ ଯାଇ ଦଳୀୟ କର୍ମକର୍ତ୍ତାଙ୍କ ସହ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ନେଇ ଆଲୋଚନା କରିଛନ୍ତି। ସ୍ୱର୍ଗତ ରାଜେନ୍ଦ୍ର ଢ଼ୋଲକିଆଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି ଏବଂ ତାଙ୍କର ସ୍ମୃତିଚାରଣ କରିଛନ୍ତି ।

## ସେବା ପର୍ବ

ସେବା ପର୍ବ ୨୦୨୫ ପାଳନ ଅବସରରେ **ବଲାଙ୍ଗିର** ଜିଲ୍ଲା ଲୋଇସିଙ୍ଗାରେ ନମୋ ଯୁବା ଗଣଦୌଡ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ଦେଶରେ ସ୍ୱଚ୍ଛତା ଓ ସୁସ୍ଥ ବାତାବରଣ ସୃଷ୍ଟି କରିବା ଦିଗରେ ଯୁବଗୋଷ୍ଠୀକୁ ଯୋଡ଼ିବା ପାଇଁ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ବୋଲି କହିଛନ୍ତି।

**ବୌଦ୍ଧ** ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁବ କ୍ରୀଡା ବିଭାଗ ଦ୍ୱାରା ଏକ ଜିଲ୍ଲାସ୍ତରୀୟ ମାରାଥନ ଗଣଦୌଡ଼ ଅନୁଷ୍ଠିତ ହୋଇଛି। ଏଥିରେ ରିଜର୍ଭ ପୁଲିସ୍ ଏବଂ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

**ଦେବଗଡ଼**ଠାରେ ଜିଲ୍ଲା ପ୍ରଶାସନ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ନିଶା ନିବାରଣ ସଚେତନତା ସୃଷ୍ଟି ନିମନ୍ତେ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ସବୁଜ ପତାକା ଦେଖାଇ ଏହି ମାରାଥନ ଦୌଡ଼ର ଶୁଭାରମ୍ଭ କରିଥିଲେ।

**ଢେଙ୍କାନାଳ**ଠାରେ ଆଜି ଏହି ଅବସରରେ ଆୟୋଜିତ ମାରାଥନ ଦୌଡ଼ କାର୍ଯ୍ୟକ୍ରମକୁ ପ୍ରଶାସନିକ ଅଧିକାରୀ ଭଗତ ସାମଲ କଲ୍ୟାଣ ରାଓ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

**ଖୋର୍ଦ୍ଧା**ଠାରେ ଜିଲ୍ଲା ପ୍ରଶାସନ ଏବଂ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଆଜି ଏହି ଅବସରରେ ଗଣଦୌଡ଼ ଅନୁଷ୍ଠିତ ହୋଇଛି। ଜିଲ୍ଲା ଆରକ୍ଷୀ

ଅଧିକ୍ଷକ ବିବେକାନନ୍ଦ ଶର୍ମା ଯୋଗଦେଇ  ସ୍ୱଚ୍ଛତା ଓ ସେବା ମନୋଭାବ ଆପଣାଇବା ଲାଗି ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

**ରାୟଗଡ଼ା**ଠାରେ ଜିଲ୍ଲା ପ୍ରଶାସନ ଏବଂ ଯୁବ ଓ କ୍ରୀଡା ବିଭାଗ ପକ୍ଷରୁ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

**କେନ୍ଦ୍ରାପଡ଼ା**ଠାରେ ଆୟୋଜିତ ଗଣଦୌଡ଼ କାର୍ଯ୍ୟକ୍ରମକୁ ମହାକାଳପଡ଼ା ବିଧାୟକ ଡକ୍ଟର ଦୁର୍ଗାପ୍ରସନ୍ନ ନାୟକ ଶୁଭାରମ୍ଭ କରିଥିଲେ ।

## ଅନ୍ତର୍ଜାତୀୟ ଶାନ୍ତି ଦିବସ

ହିଂସା ଓ ଯୁଦ୍ଧକୁ ପରିହାର କରି ଆଲୋଚନା-ପର୍ଯ୍ୟାଲୋଚନା, ଅନ୍ତର୍ଜାତୀୟ ବୁଝାମଣା ଓ ସହମତି ମାଧ୍ୟମରେ ଶାନ୍ତିପୂର୍ଣ୍ଣ ଉପାୟରେ ସମାସ୍ୟା ସମାଧାନର ରାସ୍ତା ବାହାର କରିବା ନେଇ ଆଜି ପୃଥିବୀରେ ଅନ୍ତର୍ଜାତୀୟ ଶାନ୍ତି ଦିବସ ପାଳନ କରାଯାଉଛି । ମିଳିତ ଜାତିସଂଘ ଦ୍ୱାରା ପ୍ରତିଷ୍ଠିତ ଏହି ଦିବସଟି ମତଭେଦ ଏବଂ ଅଶାନ୍ତି ମୁକ୍ତ ଏକ ବିଶ୍ୱ ଗଠନ ପାଇଁ ଆକାଂକ୍ଷାର ପ୍ରତିଫଳନ କରିଥାଏ । ଆନୁଷ୍ଠାନିକ ଏବଂ ଅନୌପଚାରିକ ଶିକ୍ଷା ମାଧ୍ୟମରେ ଶାନ୍ତିର ବାତାବରଣ ସୃଷ୍ଟି କରିବା ଅନ୍ତର୍ଜାତୀୟ ଶାନ୍ତି ଦିବସର ମୂଳ ଲକ୍ଷ୍ୟ । ଚଳିତବର୍ଷ ଅନ୍ତର୍ଜାତୀୟ ଶାନ୍ତି ଦିବସର ବିଷୟବସ୍ତୁ- 'ଏକ ଶାନ୍ତିପୂର୍ଣ୍ଣ ବିଶ୍ୱ ପାଇଁ ଏବେ କାର୍ଯ୍ୟ କରନ୍ତୁ ।'

ବସୁଧୈବ କୁଟୁମ୍ବକମ୍ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭାଷାରେ 'ଏକ ପୃଥିବୀ, ଏକ ପରିବାର ଓ ଏକ ଭବିଷ୍ୟତ' ବିଶ୍ୱ ଶାନ୍ତିର ମୂଳମନ୍ତ୍ର । ନିଜେ

ବଂଚିବା ସହିତ ଅନ୍ୟକୁ ବଂଚିବାକୁ ଦେବା, ବିଶ୍ୱ ଭ୍ରାତୃତ୍ୱ ଓ ଭାଇଚାରାକୁ ଉଜ୍ଜୀବିତ କରି ବିଶ୍ୱ ଶାନ୍ତି ଲକ୍ଷ୍ୟ ହାସଲ ପାଇଁ ଅନ୍ତର୍ଜାତୀୟ ଶାନ୍ତି ଦିବସ ପାଳନ ଜନସାଧାରଣଙ୍କୁ ବିଭିନ୍ନ ଆହ୍ୱାନର ବାର୍ତ୍ତା ଦେଇଥାଏ।

## ମହାଳୟା

ମହାଳୟା ଅବସରରେ ଆଜି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ, ଶ୍ରାଦ୍ଧ ଓ ପିଣ୍ଡଦାନ କରାଯାଉଛି । ଆଶ୍ୱିନ ପ୍ରତିପଦାଠାରୁ ଆରମ୍ଭ ହୋଇଥିବା ପିତୃପକ୍ଷ ଆଜି ଶେଷ ହୋଇଛି । ପିଣ୍ଡଦାନ ପାଇଁ ପୁରୀ ଶ୍ରୀକ୍ଷେତ୍ରରେ ଆଜି ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ପିତୃପୁରୁଷଙ୍କ ମୋକ୍ଷପ୍ରାପ୍ତି ଏବଂ ନିଜ ପରିବାର କଲ୍ୟାଣ ଉଦ୍ଦେଶ୍ୟରେ ଏହି ପିଣ୍ଡଦାନ ବିଧି ପରମ୍ପରା ବହୁ ପ୍ରାଚୀନ ।

ମହାଳୟା ଅବସରରେ **ସମ୍ବଲପୁର**ର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କର ଆଜି ଧବଳମୁଖୀ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଛନ୍ତି। ବର୍ଷତମାମ ସିନ୍ଦୂରବର୍ଣ୍ଣରେ ଦର୍ଶନ ଦେଉଥିବା ମା' ସମଲେଶ୍ୱରୀ ଆଜି ମହାଳୟା ତିଥିରେ ଶ୍ୱେତବର୍ଣ୍ଣରେ ଦର୍ଶନ ଦେଇଥାନ୍ତି। ଏହାକୁ ଗଙ୍ଗାଦର୍ଶନ ବେଶ ତଥା ମା' ସରସ୍ୱତୀଙ୍କ ବେଶ ବୋଲି ମଧ୍ୟ କୁହାଯାଇଥାଏ। ମା' ଏହି ରୂପରେ ଅଢ଼େଇ ଦିନ ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବେ।

**ସୁବର୍ଣ୍ଣପୁର**ର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କ ଆଜି ଧବଳମୁଖୀ ବେଶ ଅନୁଷ୍ଠିତ ହୋଇଛି। ସୁବର୍ଣ୍ଣପୁରର ସୋମବଂଶୀ ରାଜତ୍ୱ ସମୟରୁ ଆଶ୍ୱିନ ମାସ ଅମାବାସ୍ୟାର ମହାଳୟା ତିଥିରେ ଦେବୀ ସୁରେଶ୍ୱରୀଙ୍କୁ କର୍ପୂର

ମିଶ୍ରିତ ଧବଳ ଶଂଖ ଭସ୍ମରେ ଶାକମ୍ଭରୀ ଧବଳମୁଖୀ ବେଶ କରାଯାଇ ନୈବେଦ୍ୟ ପୂଜାର୍ଚ୍ଚନା କରାଯାଉଛି।

ଏହି ଦୁର୍ଲଭ ବେଶକୁ ଶ୍ରଦ୍ଧାଳୁମାନେ ଭକ୍ତି ଓ ଉତ୍ସାହର ସହ ଦର୍ଶନ କରୁଛନ୍ତି।

**ନୟାଗଡ଼** ଜିଲ୍ଲାର ୮ଟି ବ୍ଲକ୍ ଅଂଚଳର ବିଭିନ୍ନ ଦେବାଦେବୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି।

**କଟକ** ଜିଲ୍ଲାର ବିଭିନ୍ନ ଶକ୍ତିପୀଠଗୁଡ଼ିକରେ ଆଜି ମହାଳୟା ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି।

## ଚଲୋ ଜିତେଁ ହେଁ

ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର 'ଚଲୋ ଜିତେଁ ହେଁ' ପୁନର୍ବାର ମୁକ୍ତିଲାଭ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶୈଶବ ଆଧାରିତ ଏହି ଚଳଚ୍ଚିତ୍ରରେ ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ପ୍ରଦର୍ଶିତ କରାଯାଇଛି।

ନିସ୍ୱାର୍ଥପରତା, ସହାନୁଭୂତି ଏବଂ ରାଷ୍ଟ୍ର ପ୍ରତି କର୍ତ୍ତବ୍ୟର କାଳଜୟୀ ମୂଲ୍ୟବୋଧକୁ ଏହି ଚଳଚ୍ଚିତ୍ର ମାଧ୍ୟମରେ ଆଗାମୀ ପିଢ଼ିଙ୍କ ମଧ୍ୟରେ ସୁଦୃଢ଼ କରିହେବ ବୋଲି ବିଶ୍ୱାସ କରାଯାଉଛି। ଚଳଚ୍ଚିତ୍ର ଦେଖିବା ପରେ ଜଣେ ଦର୍ଶକ ପ୍ରତିକ୍ରିୟାରେ ଆକାଶବାଣୀକୁ କହନ୍ତି...

**- V/O –**

## ବାଣ ବିସ୍ଫୋରଣ

**ବୌଦ୍ଧ** ଜିଲ୍ଲା ପୁରୁଣାକଟକ ଥାନା ଜିଆଁକଟାଠାରେ ଆଜି ବାଣ ବିସ୍ଫୋରଣ ଘଟଣାରେ ଜଣକର ମୃତ୍ୟୁ ହୋଇଥିବାବେଳେ ୧୦ରୁ ଅଧିକ ଆହତ ହୋଇଥିବା ଜଣାପଡିଛି। ବିସ୍ଫୋରଣରେ ୧୫ରୁ ଅଧିକ ଘର ଜଳି ପାଉଁଶ ହୋଇଯାଇଛି। ଘଟଣାସ୍ଥଳରେ ପୁଲିସ୍, ଅଗ୍ନିଶମବାହିନୀ, ଆମ୍ବୁଲାନ୍ସ ପହଞ୍ଚି ଉଦ୍ଧାରକାର୍ଯ୍ୟ ଚଳାଇଛନ୍ତି। ଗୁରୁତର ଆହତ ୬ ଜଣଙ୍କୁ ଚିକିତ୍ସା ନିମନ୍ତେ ଜିଲ୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

*********************************